www.prepp.in

prepp
Your Personal Exams Guide

**UPSC CSE 2014 MAINS PAPER A DECEMBER 20, 2014 ORIYA LANGUAGE QUESTION PAPER**

(COMPULSORY)

| Time Allowed : Three Hours | Maximum Marks : 300 |
|---|---|

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions.**

All questions are to be attempted.

The number of marks carried by a question is indicated against it.

Answers must be written in ORIYA (Oriya Script) unless otherwise directed in the question.

Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.

Any page or portion of the page left blank in the answer book must be clearly struck off.

**1.** ନିମ୍ନୋକ୍ତ ଯେ କୌଣସି ଗୋଟିଏ ବିଷୟରେ **600** ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : 100

(କ) ରାଜନୀତିରେ ନାରୀର ଭୂମିକା ।

(ଖ) ଭାରତ ଚୀନର ଆର୍ଥନୀତିକ ବିକାଶରେ ଭୟ କରିବା ଉଚିତ କି ?

(ଗ) ଭାରତୀୟ ସମାଜରେ ବିବାହ ବିଚ୍ଛେଦର ଗ୍ରହଣୀୟତା ବୃଦ୍ଧି ପାଉଛି ।

(ଘ) କଠୋର ଆଇନ ବ୍ୟବସ୍ଥା ନୈତିକତା ଉପରେ ବଳପ୍ରୟୋଗ କରିପାରିବ କି ?

**2.** ନିମ୍ନ ପରିଚ୍ଛେଦଟି ଭଲଭାବରେ ପାଠ କର ଏବଂ ଏହାକୁ ଭିତ୍ତି କରି ଶେଷରେ ଦିଆ ଯାଇଥିବା ପ୍ରଶ୍ନମାନଙ୍କର ଉତ୍ତର ସରଳ, ସଠିକ ଓ ସ୍ୱଷ୍ଟ ଭାବରେ ଦିଅ । $12 \times 5 = 60$

ଯେତେବେଳେ ଶତାବ୍ଦୀ ପୂର୍ବେ ବିଶ୍ୱର ସର୍ବତ୍ର ଲୋକମାନେ ଦଳ ଦଳ ହୋଇ ଏ ପ୍ରାନ୍ତରୁ ସେ ପ୍ରାନ୍ତକୁ ବିଭିନ୍ନ କାରଣରୁ ଯଥା; ପଶୁ ଚାରଣଯୋଗ୍ୟ ଭୂମି ବା କର୍ଷଣ ଉପଯୋଗୀ ଜମି ସନ୍ଧାନରେ, ଅତ୍ୟାଚାର ବା କ୍ଷମତାସୀନ ଲୋକଙ୍କ ସ୍ୱେଚ୍ଛାଚାରିତାରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ, ମୁକ୍ତ ବିଶ୍ୱାସ ବା ବକ୍ତବ୍ୟର ଅନୁଭବ କରିବା ପାଇଁ, ପଥହରା ହୋଇ ଏଣେ ତେଣେ ଅସ୍ଥିର ହୋଇଥିବା ହେତୁ ପରିଭ୍ରମଣ କରିବାକୁ ଲାଗିଲେ । ଏହି ବିଦେଶାଗତ ଲୋକମାନେ ସେମାନଙ୍କ ସାଂସ୍କୃତିକ ଅଧିକାର ରୂପେ ସେମାନଙ୍କ ଗଣ୍ଠିଲି ସାଙ୍ଗରେ ନେଉଥିଲେ ଏବଂ ବାଟରେ ବା ନୂତନ ରହଣି ସ୍ଥାନରେ ଏହାକୁ ମର୍ଯ୍ୟାଦା ଦେଉଥିଲେ । ସେମାନେ ଅନ୍ୟ ଜନଜାତି ସହିତ ଯୁଦ୍ଧ ଦ୍ୱାରା ବା ବାଣିଜ୍ୟ କାରବାର ଦ୍ୱାରା, ବା ବିବାହ ଦ୍ୱାରା ସମାନ ଉଦ୍ୟମଶୀଳ କର୍ମରେ ମିଶୁଥିଲେ । ଆରମ୍ଭରେ କିଛିଟା ଉତ୍ତେଜନାମୂଳକ ପରିସ୍ଥିତି ଥିଲା, ଯାହା ପରେ ଶାନ୍ତିପୂର୍ଣ୍ଣ ହେଲା ଏବଂ କଳା ଓ ହସ୍ତଶିଳ୍ପରେ ତାହା ବିକାଶ ଲାଭ କଲା । ଆଦାନ ଓ ପ୍ରଦାନ ହେଲା ସେମାନଙ୍କ ସମ୍ପର୍କ । ଏକ ମୁକ୍ତ ବାତାବରଣ, କେହି କାହାରି ସଂସ୍କୃତି ଉପରେ ଆଧିପତ୍ୟ ବିସ୍ତାର ନ କରି, ପ୍ରତ୍ୟେକ ଦଳ ନିଜର ବିକାଶରେ ଲାଗିଲେ ଯାହାକୁ ଏକ ବିବିଧତାଭିତ୍ତିକ ସମାଜ କୁହାଯାଇ ପାରିବ । ସୁତରାଂ, ମଙ୍ଗୋଲୀୟମାନେ ଆଲସ୍କା ଅତିକ୍ରମ କଲେ, ତେଣୁ ଆଙ୍ଗ୍ଲୋ-ସେକ୍ସାନମାନେ ବ୍ରିଟେନକୁ ଗଲେ, ସେଥିପାଇଁ ସମ୍ଭବତଃ ଇହୁଦୀମାନେ ସେମାନଙ୍କ ପବିତ୍ର ସ୍ଥାନ ବା ଈପ୍ସିତ ଭୂମିକୁ ଗଲେ । ତେଣୁ ହୁଏତ କଲମ୍ବସ୍ ଦୁଃସାହସିକ ଭାବେ ୟୁରୋପକୁ ବିଶ୍ୱରେ ପରିଚିତ କରାଇଲେ । ସେତେବେଳେ ଏହି ଉପନିବେଶବାଦ ଅନ୍ୟ ଦେଶ ଜୟ ପାଇଁ ନିର୍ଦ୍ଦିଷ୍ଟ ଥିଲା ଏବଂ ଅନ୍ୟ ସଂସ୍କୃତି ଉପରେ ବିଜେତାମାନେ ପ୍ରଭାବ ବିସ୍ତାର କରୁଥିଲେ । ବାଣିଜ୍ୟ ଓ ବ୍ୟବସାୟ ସକାଶେ ଆଜିକାଲି ଗୋଟିଏ ଦେଶର ଲୋକ ଅନ୍ୟ ଦେଶକୁ ସ୍ଥାନାନ୍ତର ହେବା ଶକ୍ତିଶାଳୀ ମାଧ୍ୟମ ହୋଇଛି । ଏସବୁ ହେଉଛି ସାଂସ୍କୃତିକ ସମନ୍ୱୟର ଦୃଷ୍ଟାନ୍ତ । ପ୍ରତ୍ୟେକ ଦଳ ସେମାନଙ୍କ ବଂଶଗତ ପ୍ରବୃତ୍ତିକୁ ସାଙ୍ଗରେ ରଖନ୍ତି, ପୁରୁଣା ବାସଭୂମି ପ୍ରତି ଏକ ଆବେଗପୂର୍ଣ୍ଣ ଲାଳସା ପୋଷଣ କରନ୍ତି, ଗୋଟିଏ ପୁରୁଷ ବା ଦୁଇ ପୁରୁଷ ପରେ ଅତୀତର ଏହି ସମ୍ପର୍କ କ୍ରମେ ଶିଥିଳ ହୋଇପଡ଼େ । ଅନ୍ୟ ଏକ ଶତାବ୍ଦୀରେ ସମ୍ଭବତଃ ବିଶ୍ୱ ଜନସଂଖ୍ୟା ଦେଖି କିଏ କେଉଁ ଅଞ୍ଚଳରୁ ଆସିଛି ଜାଣିବାକୁ ସାହସ କରିବ ନାହିଁ । ତମେ ଯେଉଁ ମୁହୂର୍ତ୍ତରେ ଯେଉଁଠି ବାସ କରୁଛ, ତାହା ହିଁ ତମର ଅଞ୍ଚଳ । ତୁମେ ସେଇ ନୂତନ ଅଞ୍ଚଳର ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ସବୁକିଛିକୁ ଜାଣି ପାରିବ । ବିଭିନ୍ନ ଅଞ୍ଚଳ ବିଶ୍ୱ ସହିତ ମିଶିଥାଏ । ଖୁବ୍ ଅଳ୍ପ ଲୋକ ଅଛନ୍ତି ଯେଉଁମାନେ ଆପଣାର ଆତ୍ମପରିଚିତିକୁ

www.prepp.in

Prepp
Your Personal Exams Guide

ରକ୍ଷା କରିପାରନ୍ତି । ଏହି ନୂଆ ବିକ୍ଷେପଣ ସବୁଠି କାମ କରୁଛି । ଏହି ସଂଯୋଜକ ପୀଢ଼ି ସମୀପଦୃଷ୍ଟିସମ୍ପନ୍ନ, ପୁରୁଣା ପରିଚିତି ହରାଇବା ନେଇ ଆବେଗପ୍ରବଣ ନୁହନ୍ତି । କୌଣସି ପୁରୁଷ ବା ସ୍ତ୍ରୀ ଏକାକୀ ବେଶୀଦିନ ରହି ପାରନ୍ତି ନାହିଁ, ସେହିପରି କୌଣସି ସଂସ୍କୃତି ମଧ୍ୟ । କେନ୍ଦ୍ରାଭିମୁଖୀ ଓ କେନ୍ଦ୍ରାପସାରୀ ଶକ୍ତି ଅଳ୍ପକ୍ଷଣପାଇଁ କାର୍ଯ୍ୟ କରିପାରେ । ଅସଂଖ୍ୟ ପୁରୁଷ ଧରି ମଣିଷ ବାରମ୍ବାର ପ୍ରାର୍ଥନା ଦ୍ୱାରା ଏଭଳି ମଣିଷ ହୋଇଛି ଯିଏ ସବୁ ପ୍ରକାର ବାହ୍ୟ ପ୍ରଭାବକୁ ପ୍ରତିରୋଧ କରିପାରିବ ଏବଂ ତଥାପି ଆମେ ଭଲରୂପେ ଜାଣୁ ଯେ ଏସବୁ ଏପରି ସମ୍ବେଦନଶୀଳ, ସ୍ପର୍ଶକାତର, ଭାବଗମ୍ଭୀର ପ୍ରସଙ୍ଗ ଯାହା କେତେବେଳେ ସ୍ୱାଧୀନ ଏବଂ କେଉଁ ମୁହୂର୍ତ୍ତରେ ଅନ୍ୟ ଉପରେ ନିର୍ଭରଶୀଳ । ଜିନ୍ସ, ଆର୍. ଏନ୍. ଏ., ଡି. ଏନ୍. ଏ. କମ୍ପ୍ୟୁଟରୀକରଣ ହୋଇସାରିଲାଣି; ସ୍ୱାସ୍ଥ୍ୟ, ଶରୀର, ମନ, ଆତ୍ମା ବ୍ୟାପାରରେ ଅନ୍ୟମାନେ ଆମ ସମ୍ପର୍କରେ କ'ଣ ଭାବୁଛନ୍ତି, କହୁଛନ୍ତି, କାର୍ଯ୍ୟ କରୁଛନ୍ତି, ଜାଣି ହେଉଛି । ଅଜ୍ଞାନତା ଭୟ ଉଦ୍ରେକ କରେ, ଭୟରୁ ଘୃଣା ଆସେ, ଘୃଣା ଆତ୍ମବିଶ୍ୱାସ ନଷ୍ଟ କରେ ଏବଂ ଏ ସବୁ ମଣିଷକୁ ଅଧୋଗତି ଓ ମୃତ୍ୟୁ ଆଡ଼କୁ ନେଇଯାଏ । ଅନେକ ପ୍ରାଚୀନ ସଂସ୍କୃତି ଅତୀତରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇ ଶେଷ ହୋଇଛି । ଅନ୍ୟ ଜଣେ ନରକଗାମୀ ହେଲେ ସୁଦ୍ଧା ବଞ୍ଚିବା ପାଇଁ ଜଣେ ଅନ୍ୟକୁ ଗ୍ରହଣ କରିବାକୁ ହେବ ।

2.(କ) କିପରି ସ୍ଥାନାନ୍ତରୀକରଣ ହୋଇଥିବା ମଣିଷ ନୂତନ ସ୍ଥାନରେ ଅନ୍ୟମଣିଷଙ୍କ ସହ ଭାବ ଆଦାନପ୍ରଦାନ କରନ୍ତି ? 12

2.(ଖ) ପ୍ରାଚୀନ କାଳରେ ସ୍ଥାନାନ୍ତରୀକରଣର କାରଣ କ'ଣ ଥିଲା ? କିପରି ବର୍ତ୍ତମାନର ସ୍ଥାନାନ୍ତରୀକରଣଠାରୁ ତାହା ତଫାତ୍ ? 12

2.(ଗ) କିପରି ସଂସ୍କୃତି ପରସ୍ପର ସହିତ ମିଶେ ? 12

2.(ଘ) କିପରି ଅନେକ ପ୍ରାଚୀନ ସଂସ୍କୃତିର ବିଲୟ ଘଟିଛି ? 12

2.(ଙ) କାହିଁକି ଲେଖକ ସଂସ୍କୃତିର ଏକାକୀ ଅବସ୍ଥାନକୁ ଅସମ୍ଭବ କହିଛନ୍ତି ? 12

3. ନିମ୍ନ ପରିଚ୍ଛେଦର ସଂକ୍ଷିପ୍ତ ସାର ଏକ ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ । ଏହି ପରିଚ୍ଛେଦର ଏକ ନାମ ଦେବା ଅନାବଶ୍ୟକ । 60

ଆମେ ଯେତେବେଳେ କୌଣସି କର୍ମ-ନିଯୁକ୍ତି ପାଇଁ ଦରଖାସ୍ତ କରୁ ଏବଂ ଏକ ପରିଚୟ ପତ୍ର ଲେଖୁ; ସେତେବେଳେ ଆମେ ସାଧାରଣତଃ ଆମର ଅଭିଜ୍ଞତା, ପୃଷ୍ଠଭୂମି ଓ ନିଜସମ୍ପର୍କିତ ଭଲ ଜିନିଷକୁ ପ୍ରାଧାନ୍ୟ ଦେଉ । ଅନେକ ଲୋକ ସେମାନଙ୍କ ଜୀବନର କଷ୍ଟସାଧ୍ୟ ବିଷୟକୁ ଭୁଲି ଯାଆନ୍ତି ଏବଂ ଆପଣାର ସଫଳ କର୍ମ ସମ୍ପର୍କରେ କହିଥାନ୍ତି । ଯେତେବେଳେ ବୃତ୍ତିଦାତା ଏପରି ପରିଚୟ ସବୁ ପଢ଼ନ୍ତି, ସେମାନେ ଅନେକ ସମୟରେ ଅନୁଭବ କରନ୍ତି, ପ୍ରତ୍ୟେକ ନିଜକୁ ପ୍ରସିଦ୍ଧ ବ୍ୟକ୍ତି ଭାବରେ ଦର୍ଶାଇଛନ୍ତି । ଆମେ କର୍ମସଂସ୍ଥାନ ପାଇଁ ଏପରି ଭଲ ରୂପେ ସବୁ କିଛି ଲେଖିଥାଉ ।

ଏ ହେଉଛି ସଂସାରର ବିଚିତ୍ର ଘଟଣା । ଏ ସମ୍ପର୍କରେ କ୍ରୀଡ଼ା ଜଗତରେ ଏକ ସତ୍ୟ ବିଷୟ ରହିଛି । ଏକ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ୍ ଦଳ ନିଜେ ନିଜେ ଆପଣାର ଅଭ୍ୟାସ ପାଇଁ ଦୌଡୁଥିଲେ । ଜଣେ ଖେଳାଳୀ 'ଲାଇନ୍ ମ୍ୟାନ୍' ସ୍ଥାନରେ ରହିଥିଲା । ଏହି ବିଶିଷ୍ଟ ଖେଳାଳୀ ସବୁ ସ୍ଥାନକୁ ଅକ୍ତିଆର କରିଥିଲେ ଏବଂ ସବୁଠାରୁ ଦ୍ରୁତ 'ଲାଇନ୍ ମ୍ୟାନ୍' ଭାବେ ବିବେଚିତ ହେଲେ । ଦିନେ ସେ ତାଙ୍କ ପ୍ରଶିକ୍ଷକଙ୍କ ପାଖକୁ ଗଲେ ଏବଂ କହିଲେ ସେ ପଛରେ ଥିବା ଦ୍ରୁତ ଦୌଡ଼ାଳୀଙ୍କ ସହ ସମାନ ଦୌଡ଼ି ପାରିବେ ।

'ଲାଇନ୍ ମ୍ୟାନ୍' ପ୍ରତିଦିନ ଦୌଡ଼ିବାକୁ ଗଲେ, କିନ୍ତୁ ସେ ପ୍ରତିଦିନ ପଛରେ ପଡ଼ିଲେ । ଦିନ ପରେ ଦିନ ସେ ପଛରେ ଥିବା ଦ୍ରୁତ ଦୌଡ଼ାଳୀଙ୍କ ସହ ଦୌଡ଼ିଲେ, ସେ ପ୍ରତ୍ୟେକ ଦିନ ହାରୁଥିବା ସତ୍ତ୍ୱେ । ଏହା ଆଶା କରାଯାଏ ଯେ ପଛରେ ଥିବା ଦ୍ରୁତ ଦୌଡ଼ାଳୀଙ୍କ ତୁଳନାରେ 'ଲାଇନ୍ ମ୍ୟାନ୍'ମାନେ ଦୌଡ଼ି ପାରନ୍ତି ନାହିଁ ।

ପ୍ରଶିକ୍ଷକ ଭାବିଲେ ଏହା ବିଚିତ୍ର କଥା ଓ ତାକୁ କହିଲେ, ''କାହିଁକି ଏହି ଫୁଟ୍‌ବଲ୍ ଖେଳାଳୀ ଶ୍ରେଷ୍ଠ ଦୌଡ଼ାଳୀଙ୍କ ସହ ଦୌଡ଼ିବାକୁ ଚାହୁଁଛନ୍ତି ଏବଂ ସବୁବେଳେ ପଛରେ ରହୁଛନ୍ତି, ଅଧିକନ୍ତୁ ଅନ୍ୟ 'ଲାଇନ୍ ମ୍ୟାନ୍'ଙ୍କ ସହ ଦୌଡ଼ି ଆଗରେ ରହିପାରନ୍ତେ ?''

ପ୍ରଶିକ୍ଷକ ଯୁବକଟିକୁ ନିରୀକ୍ଷଣ କରୁଥିଲେ ଏବଂ ବାରମ୍ବାର ହାରୁଥିବା ଦେଖି ଅବଶେଷରେ ତାକୁ କହିଲେ; ''ତୁମେ କ'ଣ ଜଣେ ବିଜେତା ହେବାକୁ ଚାହୁଁ ନାହଁ, ଅନ୍ୟ 'ଲାଇନ୍ ମ୍ୟାନ୍'ଙ୍କ ସହ ଦୌଡୁ ନାହଁ, ପଛ ଦୌଡ଼ାଳୀଙ୍କସହ ଦୌଡ଼ି କାହିଁକି ହାରୁଛ ?

ସେ ଫୁଟ୍‌ବଲ୍ ଖେଳାଳୀଙ୍କ ଉତ୍ତରରେ ବିସ୍ମୟ ପ୍ରକାଶ କଲେ । ଯୁବକଟି କହିଲେ; ''ମୁଁ ଏଠାରେ 'ଲାଇନ୍ ମ୍ୟାନ୍'କୁ ହରାଇବାକୁ ଆସି ନାହିଁ । ମୁଁ ଜାଣିଛି ମୁଁ କ'ଣ କରୁଛି । ମୁଁ ଶିଖିବାକୁ ଆସିଛି କିପରି ଦ୍ରୁତଗତିରେ ଦୌଡ଼ିବାକୁ ହୁଏ ଏବଂ ଯଦି ଆପଣ ଲକ୍ଷ୍ୟ କରିଥିବେ ମୁଁ ପ୍ରତ୍ୟେକ ଦିନ ପଛ ଦୌଡ଼ାଳୀଠାରୁ ଅଳ୍ପ ଅଳ୍ପ ବ୍ୟବଧାନରେ ହାରୁଛି ।''

www.prepp.in

Prepp
Your Personal Exams Guide

ଏହି ଘଟଣା ଆମର ଆଧ୍ୟାତ୍ମିକ ପ୍ରଗତିର ଗୋପନ ସୂତ୍ର । ସାଂସାରିକ କ୍ରିୟାକଳାପରେ ଆମେ ସବୁ ସମୟରେ ଭଲ କରି ପାରୁଥିବା ବେଳେ, ଆମେ ଯେତେବେଳେ ଆଧ୍ୟାତ୍ମିକ କାର୍ଯ୍ୟକୁ ଆସୁ, ଆମେ କେବେହେଲେ ଭଗବାନଙ୍କ ନିକଟରେ 'ଆମେ ସବୁ କିଏ ?' ତାହାକୁ ଗୋପନ ରଖି ପାରି ନ ଥାଉ । ଈଶ୍ୱରଙ୍କ ନିକଟରେ ଆମର ପ୍ରଗତି ହେଉଛି ଏକ ଖୋଲା ବହି । ଭଗବାନଙ୍କ କୃପା ଲାଭ କରିବା କେବଳ ନିରନ୍ତର ଉଦ୍ୟମ ଦ୍ୱାରା ସମ୍ଭବ । ଆମେ ସୃଷ୍ଟିକର୍ତ୍ତାଙ୍କ ନିକଟରେ ଆମର ଆଧ୍ୟାତ୍ମିକ ଉନ୍ନତି ଓ ଅଧୋଗତିକୁ ଲୁଚାଇ ପାରିବା ନାହିଁ ।

ଏହି ଫୁଟ୍‌ବଲ୍ ଖେଳାଳୀ ଶିଖିଲା ଯେ ସେ କେବେହେଲେ ଅତୀତର ଗୌରବରେ ଉନ୍ନତି କରିପାରିବ ନାହିଁ । ସେ ଜାଣେ ଯେ ନିଜର ଆତ୍ମସମୀକ୍ଷା ଦ୍ୱାରା ସେ ଉନ୍ନତି କରିପାରିବ । ସେ ଜଣେ ଦୌଡ଼ାଳୀ ଭାବେ ଆପଣାର ଦୁର୍ବଳତା ଦେଖି ସେହି ଦିଗରେ କର୍ମ କରି ଉନ୍ନତି କରିବ । ଆପଣାର ଅପାରଗତାକୁ ସ୍ୱୀକାର କରି ତଦନୁଯାୟୀ କର୍ମତତ୍ପର ହୋଇ ସେମାନଙ୍କୁ ସେ ଅତିକ୍ରମ କରିବ । ସେ ଉନ୍ନତି ପଥରେ ଧାଇଁଛି, କେବେହେଲେ କୌଣସି ଉପାଧି ଓ ପ୍ରଶଂସାରେ ନୁହେଁ ।

ଫୁଟ୍‌ବଲ୍ ଖେଳାଳୀଟି ଅନ୍ୟ ଦୌଡ଼ାଳୀମାନେ କ'ଣ କରୁଛନ୍ତି ଦେଖି ପାରୁଥିଲା ଓ ସେ ଆପଣାର ଉନ୍ନତି ପାଇଁ ଚେଷ୍ଟା କରୁଥିଲା । ସେ ହାରିବା ଦ୍ୱାରା ଆଗକୁ କ'ଣ କରିବ ଜାଣି ପାରୁଥିଲା । ଏପରି କରିବା ଦ୍ୱାରା ସେ ପ୍ରତ୍ୟେକ ଦିନ ଅଳ୍ପ ଅଳ୍ପ ବ୍ୟବଧାନରେ ହାରୁଥିଲା । ତାପରେ ଆପଣାର ଚେଷ୍ଟା ଦ୍ୱାରା ପୂର୍ବଦିନମାନଙ୍କ ଅପେକ୍ଷା ଅଳ୍ପ ଅଳ୍ପ ଅସଫଳ ହେଉଥିଲା । ସମୟକ୍ରମେ ଆମେ ଏପରି ସ୍ତରରେ ପହଞ୍ଚିବା ଯେତେବେଳେ ଆମେ ଉନ୍ନତି କରିବା ଏବଂ ଆମର ଅସଫଳତା ଶୂନ୍ୟ ହେବ ।

ଆମେ କେବେହେଲେ ଆମର ଅସଫଳତାକୁ ଭଗବାନଙ୍କଠାରୁ ଲୁଚାଇ ପାରିବା ନାହିଁ । ଭଗବାନ ଆମର ନିଷ୍ଠାପର ଉଦ୍ୟମ ଦ୍ୱାରା ଅସଫଳତାକୁ ଅତିକ୍ରମ କରିବାକୁ ସବୁବେଳେ ଦେଖନ୍ତି । ଯେତେବେଳେ ଭଗବାନ ଆମେ ଉଦ୍ୟମରତ ଥିବା ଦେଖନ୍ତି, ସେତେବେଳେ ଆମର ଅସଫଳତାକୁ ବିଚାର କରନ୍ତି; ଆମେ ଅସୁବିଧାରେ ଥିଲେ ସୁଦ୍ଧା ଆମର ନିଷ୍ଠାକୁ ସ୍ୱୀକୃତି ଦିଅନ୍ତି । ଭଗବାନ ସେତେବେଳେ କରୁଣା ଓ ଦୟାରେ ଆମକୁ ଶୁଣନ୍ତି । ସୁତରାଂ, ଆମେ ଯଦି ଉଦ୍ୟମଶୀଳ ଥିବୁ, ଆମେ ସାହାଯ୍ୟ ପାଇବୁ । ଭଗବାନ ଆମକୁ ଅସଫଳତାର ପଥ ଅତିକ୍ରମ କରିବା ପାଇଁ ପ୍ରୋତ୍ସାହନ ଦିଅନ୍ତି ଏବଂ ଆମେ ଉନ୍ନତି କରୁ ।

(Total words – 503)

4. Translate the following passage into Oriya. 20

Most people involved in the film production industry know that there is a constant evolution. The change is in the way movies are made, discovered, marketed, distributed, shown, and seen. Following independence in 1947, the 1950s and 60s are regarded as the 'Golden Age' of Indian cinema in terms of films, stars, music and lyrics. The genre was loosely defined, the most popular being 'socials', films which addressed the social problems of citizens in the newly developing state. In the mid-1960s, camera technology revolutionized the documentary method by enabling the synchronized recording of image and sound. Today, CINEMA 4D users are free to create scenes without worrying about the size of objects or how many objects are in the scene, shaded settings, texture size, multipass-rendering or eye-catching particle systems.

Until the 1960s, filmmaking companies, many of whom owned studios, dominated the film industry. Artistes and technicians were either their employees or were contracted on a long-term basis. Since the 1960s, however, most performers went the freelance way, resulting in the star system and huge escalations in film production costs. Financing deals in the industry also started becoming murkier and murkier, since then. According to estimates, the Indian film industry has an annual turnover of Rs. 60 billion. It employs more than 6 million people, most of whom are contract workers as opposed to regular employees. In the late 1990s, it was recognized as an industry.

More money impacted the perception, visual representation, and definitions of reality. Like any other media of mass communication, the themes are relevant to their times.

Thus, filmmaking became more expensive and riskier. As opposed to the time of the Gemini studios, when only 5 per cent of a movie was shot outdoor, filmmakers often select overseas locations in order to create greater realism, manage costs more efficiently or source people and props. Filmmakers spend considerable time scouting for the perfect location.

Prepp
Your Personal Exams Guide

5. ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର । 20

'ପରିହାସ' ମାଧ୍ୟମରେ ଗୋଟିଏ ବିଶେଷଗୁଣସମ୍ପନ୍ନ ମଣିଷର କାର୍ଯ୍ୟଦକ୍ଷତା ଦ୍ୱାରା ମନୋରଞ୍ଜନ ପାଇଁ ପରିସ୍ଥିତି ସୃଷ୍ଟି କରାଯାଇଥାଏ । ଏହି ଶବ୍ଦଟି ମନୋରଞ୍ଜନଧର୍ମୀ ବା ଏହା ଏପରି ମାନବିକ ମାଧ୍ୟମ ଯାହାଦ୍ୱାରା ଏହି ଭାବନା ଉଦ୍ରେକ ହୁଏ ବା ଯାହା ମଣିଷକୁ ହସାଏ ।

ସମାଲୋଚନା ହେଉଛି ବିଚାରର କ୍ରିୟା ବା ବିଶ୍ଳେଷଣଧର୍ମୀ ସୂଚନା । ଗଠନମୂଳକ ସମାଲୋଚନା ଏପରି ଏକ ମାଧ୍ୟମ ଯହିଁରେ ଜଣେ ମଣିଷ ଅନ୍ୟ ଜଣେ ମଣିଷର ବ୍ୟବହାରକୁ କ୍ଷମତାହୀନ ଢଙ୍ଗରେ ସଂଶୋଧନ କରିପାରେ । ସାଧାରଣତଃ କୂଟନୈତିକ ରୀତିରେ ଅନ୍ୟମାନେ ଯାହା କରନ୍ତି, ତାହା ସାମାଜିକ ଦୃଷ୍ଟିରୁ ଠିକ୍ ନୁହେଁ । ସବୁବେଳେ ଗଠନମୂଳକ ପ୍ରସଙ୍ଗ କାହାର ନିର୍ଦ୍ଦେଶ ଓ ଅପମାନର ବିରୋଧୀ, ଯାହା କେବଳ ଶାନ୍ତିପୂର୍ଣ୍ଣ ଉପାୟ ଓ ମହାନୁଭବତାରେ ସଂଶୋଧନ କରାଯାଇପାରେ ।

ବିଦ୍ରୂପ ଏପରି ଏକ ରୀତି ଯାହା ସମୀକ୍ଷକ ଦ୍ୱାରା ବ୍ୟବହାର କରାଯାଏ । ଏହା ସାଧାରଣତଃ ବାକ୍‌କେଳି ଏବଂ କୌତୁକ, ଯଦ୍ୟପି ବିଦ୍ରୂପର ଲକ୍ଷ୍ୟ ସବୁବେଳେ ପରିହାସ । ସମାଲୋଚନା ଏକ ଘଟଣା, ଯାହା ଜଣେ ବ୍ୟକ୍ତି କିମ୍ବା ଦଳେ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଚତୁରତାର ସହ ହୋଇଥାଏ ।

ବିଦ୍ରୂପ ହେଉଛି ଏକ ସାମାଜିକ ପରିଭାଷା, ଯାହାର ସାଧାରଣତଃ ଲକ୍ଷ୍ୟ ଜଣେ ବ୍ୟକ୍ତି କିମ୍ବା ଦଳେ ବ୍ୟକ୍ତି, ଗୋଟିଏ ଧାରଣା କିମ୍ବା ଉଦ୍ଦେଶ୍ୟ, ଗୋଟିଏ ଅନୁଷ୍ଠାନ କିମ୍ବା ସାମାଜିକ ଚଳଣି । ଯେକୌଣସିମତେ ଏହି ଲକ୍ଷ୍ୟ ଥଟ୍ଟା ପର୍ଯ୍ୟନ୍ତ ଯାଇପାରେ । କାରଣ ଅନେକ ସମୟରେ ବିଦ୍ରୂପ ରାଗ ଓ ପରିହାସ, ଯାହା ମନକୁ ଆନ୍ଦୋଳିତ କରେ ଏବଂ ପରେ ଏହା ସାଧାରଣଭାବେ ଶ୍ଳେଷାତ୍ମକ ଓ ଏହି ଶ୍ଳେଷର ଓଜନଦାର ରୂପ ହେଉଛି ତାଚ୍ଛଲ୍ୟ, ଯାହା ଅନେକତ୍ର ଭୁଲ୍ ବୁଝିବାରେ ସହାୟତା କରେ ।

ଏହା ଏକ କଳାତ୍ମକ ଆଙ୍ଗିକ, ଯାହାଦ୍ୱାରା ମଣିଷ ବା ବ୍ୟକ୍ତିର ଦୁର୍ବଳତା, ଦୋଷ, ଗାଳି, ଅଭାବବୋଧକୁ ଥଟ୍ଟା, ମଜା, ଶ୍ଳେଷ ବା ଅନ୍ୟ ଉପାୟ ଦ୍ୱାରା ଅତିକ୍ରମପୂର୍ବକ ତା'ଭିତରେ ଉନ୍ନତି ଅଣାଯାଇ ପାରେ । ସାହିତ୍ୟ ଓ ନାଟକ ହେଉଛି ଏହାର ମୁଖ୍ୟ ମାଧ୍ୟମ କିନ୍ତୁ ଚଳଚ୍ଚିତ୍ର, ପ୍ରଦର୍ଶନଶୀଳ କଳା ଏବଂ ରାଜନୀତିକ ବ୍ୟଙ୍ଗଚିତ୍ରରେ ମଧ୍ୟ ଏହା ପରିଲକ୍ଷିତ ହୁଏ । ହୋରାସ୍‌ଙ୍କ ମତରେ ବ୍ୟଙ୍ଗକାର ବିଶ୍ୱର ଏମିତି ଜଣେ ମଣିଷ ଯେ ସବୁଠି ଭୁଲ୍ ଦେଖିପାରେ କିନ୍ତୁ କ୍ରୋଧ ଦ୍ୱାରା ନ ଦେଖି ନିର୍ମଳ ହସରେ ସେ ଦେଖେ ।

6.(କ) ବିଶେଷ ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର । 5×2=10

6.(କ)(i) ଅରଣ୍ୟରୋଦନ
6.(କ)(ii) ଖାଲରେ ପକାଇବା
6.(କ)(iii) ପୋଥିବାଇଗଣ
6.(କ)(iv) ବଣବିଛୁଆତି
6.(କ)(v) ବାଆଁକୁ ବତା

6.(ଖ) ନିମ୍ନ ଶବ୍ଦରେ ଥିବା ଭ୍ରମ ସଂଶୋଧନ କର । 5×2=10

6.(ଖ)(i) ସକ୍ତିମାନ୍
6.(ଖ)(ii) ସଂସିତ
6.(ଖ)(iii) ସତୀତ୍ୟ
6.(ଖ)(iv) ମର୍ଯାଦା
6.(ଖ)(v) ମୃଗତ୍ରିଷ୍ଣା

6.(ଗ) ବ୍ୟାସବାକ୍ୟସହ ସମାସ ଲେଖ । 5×2=10

6.(ଗ)(i) ରାଜର୍ଷି
6.(ଗ)(ii) ଠେଙ୍ଗାଠେଙ୍ଗୀ
6.(ଗ)(iii) ଅଣବାପୁଆ
6.(ଗ)(iv) ସିଂହଦ୍ୱାର
6.(ଗ)(v) କୁମ୍ଭକାର

6.(ଘ) ବିଶେଷ୍ୟକୁ ବିଶେଷଣରେ ଓ ବିଶେଷଣକୁ ବିଶେଷ୍ୟରେ ପ୍ରୟୋଗ କରି ବାକ୍ୟରେ ବ୍ୟବହାର କର । 5×2=10

6.(ଘ)(i) ବିଦ୍ୟା
6.(ଘ)(ii) ଧନ
6.(ଘ)(iii) ଶିକ୍ଷା
6.(ଘ)(iv) ଆଲୋକିତ
6.(ଘ)(v) ପରାଜିତ